# Akashvani, Sambalpur

# SAMBALPURI NEWS BULLETIN

## 8 October 2023- 6.47- 6.52 am.

***********************************************

ମଡ଼ିଆ ଚୁନାନୁ ଜିଏସ୍‌ଟି ଆର୍‌ଏନ୍‌ୟୁ ସମ୍ବଲପୁର୍

ଖୁଲାଥି ବିକ୍ରି ହେଉଥିବା ମଡ଼ିଆ ଚୁନାନୁ ଜିଏସ୍‌ଟି ପୁରା ଛାଡ୍ କରାଯାଇଛେ । ଗଲାକାଏଲ୍ ନୂଆଦିଲ୍ଲୀ ନ କେନ୍ଦ୍ର ଅର୍ଥ ଆଉ କର୍ପୋରେଟ୍ ବ୍ୟାପାର୍ ମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ୫୨ ନମ୍ବର ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ବୈଠକ୍‌ର ନିଷ୍ପତି ଅନ୍‌ସାରେ ଆଘୋନୁ ପେକ୍ ଆଉ ଲେଭେଲ୍ ହେଇଥିବା ଅଟା ଜାତୀୟ ଜିନିଷ୍ ଯେନ୍‌ଥି ମିଲେଟ୍ ଚୁନାର୍ ଅଂଶ ୭୦ ପ୍ରତିଶତ୍ ରହିଛେ, ତାର୍ ଉପ୍‌ରେ ଜିଏସ୍‌ଟି ୧୮ ପ୍ରତିଶତ୍‌ନୁ ୫ ପ୍ରତିଶତ୍ କମାଯାଇଛେ । ସାଧାରଣ୍ ଲୋକ୍ ଯେନ୍ତା ମଡ଼ିଆନୁ ତିଆରି ହେଉଥିବା ଖାଦ୍ୟ ଶସ୍ତା ଦାମ୍‌ଥି ପାଇପାର୍‌ବେ, ସେଟାକେ ନଜର୍‌ଥି ରଖିକରି ଜିଏସ୍‌ଟି କମାଯାଇଛେ ବଲି କୁହାଯାଇଛେ । ଇତାର୍‌ସହେତେ ଜିଏସ୍‌ଟି ପରିଷଦ୍ ଗୁଡ୍ ଉପ୍‌ରେ ଟିକସ୍ ହାର ୨୮ ପ୍ରତିଶତ୍‌ନୁ ୫

ପ୍ରତିଶତ୍‌କେ କମେଇଛେ । ଇଥିର୍‌ଲାଗି କୁସେର୍ କାର୍‌ଖାନାମାନ୍ ଗୁଡ଼୍ ଜଲ୍‌ଦି ବିକ୍ରି କରିକରି ଚାଷୀମାନ୍‌କୁ ଦେୟ ଦେବାର୍‌ଥି ସକ୍ଷମ୍ ହେବେ । ସେନ୍ତା ଗୋଖାଦ୍ୟ ଉତ୍ପାଦନ୍ ବାବଦ୍ ଖର୍ଚ୍ଚା ଭିଲ୍ କମାଯାଇଛେ । ଜିଏସ୍‌ଟି କାଉନ୍‌ସିଲ୍ ଜଲଯୋଗାଣ, ଜନସ୍ୱାସ୍ଥ୍ୟ, ପରିମଳ ସଂରକ୍ଷଣ୍, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଉ ବସ୍ତି ଉନ୍ନତି ଆଉ ସର୍‌କାରୀ କର୍ତ୍ତୃପକ୍ଷଙ୍କୁ ଯୁଗେଇ ଦିଆଯାଉଥିବା ଉନ୍ନତିକରଣ୍ ସେବାକେ ଜିଏସ୍‌ଟି ଛାଡ଼୍ କରିଛେ ।

ବୈଠକ୍‌ଥି ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ୍ କେଶରୀ ଆରୁଖ୍ ଯୋଗ୍ ଦେଇକରି ମିଲେଟ୍ ଭିତିକ ଉତ୍ପାଦ ଉପ୍‌ରେ ଜିଏସ୍‌ଟି ହାର କମାବାର୍ ଲାଗି ଦାବି କରିଛନ୍ । ଇତାର୍‌ଛଡ଼ା ରାଜ୍ୟର୍ ଭିନ୍ ଭିନ୍ ଦାବି ଉପସ୍ଥାପନ୍ କରିଥିଲେ ।

ଇ ବୈଠକ୍‌ଥି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ୍ ଚୌଧୁରୀ, ଅର୍ଥବିଭାଗ୍ ଦାୟିତ୍ୱଥି ଥିବା ଗୋଆ ଆଉ ମେଘାଲୟ ମୁଖ୍ୟମନ୍ତ୍ରୀ, ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରଣାଳୟ ଆଉ ରାଜ୍ୟ, କେନ୍ଦ୍ରଶାସିତ୍ ଇଲାକାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବନ୍ୟପ୍ରାଣୀ ସପ୍ତାହ -ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଭାସୀ ଜରିଏ ଉଦ୍‌ଘାଟନ୍ କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟ ସର୍‌କାର୍ ବନସୁରକ୍ଷାକେ ପ୍ରାଥମିକତା ଦେଇକରି ତାର୍ ସୁରକ୍ଷା ଆର୍ ସମୃଦ୍ଧି ଲାଗି ଚେରେଷ୍ଟା ଜାରି ରଖିଛନ୍ । ସେ କହିଛନ୍ ଯେ, ଓଡ଼ିଶା ନ ବହୁତ୍ ପ୍ରକାର୍ ବନସ୍ପତି ଆଉ ପ୍ରାଣୀ ଭରି ରହିଛନ୍ । ଶିମିଳିପାଲ୍‌ନୁ ନେଇକରି ସମୁଦ୍ର ଉପକୂଲ୍ ନ ଅଲିଭ୍ ରିଡ୍‌ଲେ କଇଁଛ ମାନ୍‌କର୍ ଅଣ୍ଡା ଦେବାର୍‌ତକ୍ ପ୍ରକୃତିର୍ ଇ ସଂରଚନାକେ ସମୃଦ୍ଧ କର୍‌ବାର୍ ଆମର୍ କର୍ତବ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେନ୍ତା ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ପ୍ରଦୀପ୍ କୁମାର୍ ଅମାତ୍ ଇଥି ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇକରି ଜଙ୍ଗଲ୍ ଆର୍ ବନ୍ୟଜନ୍ତୁଙ୍କର୍ ସୁରକ୍ଷା ଆଉ ସମୃଦ୍ଧି ଲାଗି ରାଜ୍ୟ ସର୍‌କାର୍ ସଂକଳ୍ପବଦ୍ଧ ବଲି କହିଥିଲେ । ସେ ଆହୁରି କହିଛନ୍, ନନ୍ଦନ୍‌କାନନ୍‌କେ ଦେଶର୍ ୧ ନମ୍ବର୍ ଚିଡ଼ିଆଖାନା କର୍‌ବାର୍ ଲାଗି କାମ୍ ଚାଲିଛେ । ଦାରୁଠେଙ୍ଗ ନ ପାଖାପାଖି ୧୫ ଶହ ହେକ୍ଟର୍ ଜମିକେ ନନ୍ଦନ୍‌କାନନ୍ ସାଙ୍ଗେ ଜୁଡ଼ାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଅମାତ୍ କହିଛନ୍ ।

ମହିଳା ହକି- ବ୍ରୋଂଚ ପଦକ୍- ମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ
ସମ୍ବଲପୁର୍

ଚୀନ୍‌ର ହାଙ୍ଗ୍‌ଝୌ ଠାନେ ଏସୀୟ କ୍ରୀଡ଼ାଥି ବ୍ରୋଂଚ୍ ପଦକ୍ ପାଇଥିବା ଭାରତୀୟ ମହିଳା ହକି ଦଲ୍‌କେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ସେମାନ୍‌କର୍ ଉଲ୍ଲେଖନୀୟ ସଫଳତା ଲାଗି ଅଭିନନ୍ଦନ୍ ଜନେଇଛନ୍ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ଫି' ଖେଲାଲୀ ଆଉ ସେମାନ୍‌କର୍ ସହାୟକ ଷ୍ଟାଫ୍ ମାନ୍‌କୁ ୩ ଲାଖ୍ ଟଙ୍କା ଲେଖା ଘୋଷ୍‌ନା କରିଛନ୍ ।

କାଳିଆ ଯୋଜ୍‌ନା-ପଞ୍ଜିକରଣ ଆର୍‌ଏନ୍‌ୟୁ ସମ୍ବଲପୁର୍

କାଳିଆ ଯୋଜ୍‌ନାଥି ନୂଆଁକରି ପଞ୍ଜିକରଣ୍ ଲାଗି ଅନ୍‌ଲାଇନ୍‌ଥି ଆବେଦନ୍ କର୍‌ବାର୍ କାମ୍ ମୁଲ୍ ହେଇଛେ । ଗଲା ୩ ତାରିଖ୍‌ନୁ ମୁଲ୍ ହେଇଥିବା ଇ ପଞ୍ଜିକରଣ୍ କାମ୍ ଡିସେମ୍ବର୍ ୩୧ ତାରିଖ୍‌ତକ୍ ଚାଲ୍‌ବା । ପରବର୍ତ୍ତୀ କାଳିଆ ସାହାଜ୍ ଟଙ୍କା ପାଏବାର୍ ଲାଗି ଚାଷୀମାନେ ନିଜର୍ ବେଙ୍କ୍ ଏକାଉଂଟ୍ ସଙ୍ଗେ ଆଧାର୍ ନମ୍ବର୍ ସଂଯୋଗ୍ କର୍‌ବାର୍‌କେ କୃଷି ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ସମ୍ଵଲ୍‌ପୁର୍ ବିଶ୍ଵବିଦ୍ୟାଲୟ-'ଏ'ଗ୍ରେଡ୍    ଆର୍‌ଏନ୍‌ୟୁ ସମ୍ଵଲପୁର୍

ସମ୍ଵଲ୍‌ପୁର୍ ବିଶ୍ଵବିଦ୍ୟାଲୟକେ ନାକ୍ ଟିମ୍ 'ଏ' ଗ୍ରେଡ୍ ମାନ୍ୟତା ଦେଇଛେ । ଇ ବାବ୍‌ଦେ ନାକ୍ କମିଟିର୍ ନିର୍ଦ୍ଦେଶକ୍ ସମ୍ଵଲ୍‌ପୁର୍ ବିଶ୍ଵବିଦ୍ୟାଲୟ କର୍ତ୍ତୃପକ୍ଷଙ୍କୁ ସୂଚ୍‌ନା ଦେଇଛନ୍ । ଗଲା କିଛି ଦିନ୍ ତଲେ ନାକ୍‌ର ଗୁଟେ ୬ ଝନିଆ ପ୍ରତିନିଧି ଦଲ୍ ବିଶ୍ଵବିଦ୍ୟାଲୟକେ ଆସିକରି ଶିକ୍ଷା, ଶିକ୍ଷଣ ଆଉ ମୂଲ୍ୟାୟନ, ଗବେଷଣା, ଭିତିଭୂମି ଆଉ ଶିକ୍ଷା ସମ୍ଵଲ ୭ ଟା ଦିଗ ଉପ୍‌ରେ ରିପୋର୍ଟ ତିଆର୍ କରିଥିଲେ । ଇ ରିପୋର୍ଟ ସେମାନେ ବିଶ୍ଵବିଦ୍ୟାଲୟ ଅନୁଦାନ୍ ଆୟୋଗ୍‌କେ ଦେଇଥିଲେ । ବିଶ୍ଵବିଦ୍ୟାଲୟର୍ ମୂଲ୍ୟାଙ୍କନ ଆଉ ସ୍ଵିକୃତୀ ଫଲାଫଲ୍ ପ୍ରକ୍ରିୟାକରଣ୍ ଆଉ କାର୍ଯ୍ୟନିର୍ବାହୀ କମିଟି ତର୍‌ଫୁ ଗଠନ୍ କରାଯାଇଥିବା ଷ୍ଟାଣ୍ଡିଂ କମିଟି ତର୍‌ଫୁ ଭିନ୍ ଭିନ୍ ରିପୋର୍ଟ ଯାଂଚ୍ ଉତ୍‌ରୁ ଆଏବା ୫ ବରସ୍ ଲାଗି 'ଏ' ଗ୍ରେଡ୍ ଦିଆଯାଇଛେ ।

ଆନ୍ତର୍ଜାତିୟ ବାଲିକା ଦିବସ୍          ଆର୍‌ଏନ୍‌ୟୁ ସମ୍ଵଲପୁର୍

ରାଜ୍ୟର୍ ସବୁ ସ୍କୁଲ୍ ମାନ୍କେ ଆନ୍ତର୍ଜାତିୟ ବାଳିକା ଦିବସ୍ ପାଲନ୍ କରାଯିବା । ଆଏବା ୧୧ ତାରିଖ୍ ଦିନ ଆନ୍ତର୍ଜାତିୟ ବାଳିକା ଦିବସ୍ ପାଲନ୍ କର୍‌ବାର୍‌କେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍‌ଫୁ ଚିଠି ଲେଖାଯାଇଛେ । ଇଥିର୍‌ଲାଗି ଫି ଜିଲ୍ଲାକେ ୨୫ ହଜାର୍ ଆର୍ ବ୍ଲକ୍‌କେ ୫ ହଜାର୍ ଟଙ୍କା ଖର୍ଚ୍ଚା କର୍‌ବାର୍ ଲାଗି କୁହାଯାଇଛେ । ବାଳିକା ମାନ୍‌କର୍ ସ୍ୱାସ୍ଥ୍ୟ ବାବଦ୍ ସମସ୍ୟା, ସେମାନ୍‌କର୍ ଶିକ୍ଷା, ପୋଷଣ୍ ଉପ୍‌ରେ ଅଏତ୍‌କା ଜୋର୍ ଦେବାର୍ ଲାଗି କୁହାଯାଇଛେ ।

ଶିମିଳିପାଲ୍ ଅଭୟାରଣ୍ୟ ଆର୍‌ଏନ୍‌ୟୁ ସମ୍ବଲପୁର୍

ମୟୁର୍‌ଭଞ୍ଜ୍ ଜିଲ୍ଲା ଶିମିଳିପାଲ୍ ଅଭୟାରଣ୍ୟ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ଆଏବା ୧୪ ତାରିଖ୍ ଦିନ ଖୁଲ୍‌ବା । ଆଘୋନୁ ଇଟା ନଭେମ୍ବର୍ ୧ ତାରିଖ୍ ଦିନ ଖୁଲ୍‌ବାର୍ ଥିଲା । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ତର୍‌ଫୁ ଇ ବାବ୍‌ଦେ ଗୁଟେ ବିଜ୍ଞପ୍ତି ବାହାରିଛେ । ଇଟା ହେବାର୍‌ନୁ ଦୁର୍ଗାପୂଜା ଛୁଟିଥି ପର୍ଯ୍ୟଟକ୍‌ମାନେ ଶିମିଳିପାଲ୍ ବୁଲ୍‌ବାର୍ ଆର୍ ରାତି ରହେବାର୍ ସୁବିଧା ପାଇପାର୍‌ବେ ।

ଶହୀଦ୍ ସରୋଜ୍ ଦାସ-ଶେଷକୃତ୍ୟ ଆର୍ଏନ୍ୟୁ ସମ୍ବଲପୁର୍

ସିକ୍କିମ୍ ନ ବନ୍ୟାଥି ଶହୀଦ୍ ହେଇଥିବା ସରୋଜ୍ କୁମାର୍ ଦାସଙ୍କର୍ ତାଁକର୍ ଜନ୍ମସ୍ଥାନ୍ ଢେଙ୍କାନାଲ୍ ଜିଲ୍ଲାର୍ କାମାକ୍ଷାନଗର୍ର କେନ୍ଦୁଢ଼ିପ ନ ଗଲାକାଏଲ୍ ଅନ୍ତିମ ସଂସ୍କାର୍ କରାଯାଇଥିଲା । ତାଁକର୍ ପାର୍ଥିବ ଶରୀର ଗାଁକେ ପୁହୁଁଚିବାର୍ ଉତ୍ରୁ ସ୍ମଶାନ୍କେ ନିଆଗଲା ବେଲେ ହଜାର୍ ହଜାର୍ ଲୋକ୍ ଶ୍ରଦ୍ଧାଞ୍ଜଲି ଅର୍ପଣ୍ କରିଥିଲେ । ଶ୍ମଶାନ୍ ଠାନେ ତୋପ୍ସଲାମି ଦିଆଯିବାର୍ ଉତ୍ରୁ ରାଷ୍ଟ୍ରୀୟ ମର୍ଯ୍ୟାଦାଥି ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।